# Akashvani, Sambalpur

## SAMBALPURI NEWS EVENING BULLETIN

**16 October 2024- 7.02 pm- 7.12 pm.**

*******************************************

୧- କେନ୍ଦ୍ର ସର୍କାରୀ କର୍ମଚାରୀ ଆର୍ ପେନ୍‌ସନ୍ ଭୋଗୀମାନ୍‌କର୍ ବଢ଼୍‌ଲା ମହଙ୍ଗାଭତା ଆର୍ ସହାୟତା ।

- ରବି ଫସଲ୍ ଲାଗି ଭିନ୍ ଭିନ୍ ଶସ୍ୟର୍ ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପି ବଢ଼ାଲେ କେନ୍ଦ୍ର ସର୍କାର୍ ।

୨- ୩ ଦିନିଆ ହରିଆଣା ଆର୍ ମୁମ୍ବାଇ ଗସ୍ତଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ଆର୍ କୁମାର୍ ପୂନି ଲାଗି ଗାଁନୁ ସହର୍‌ତକ୍ ଉସ୍‌ନାକି ।

- ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦଉଛନ୍ ମା ସମଲେଶ୍ୱରୀ ।

ଆଉର୍

୪- ଗୁଟେ ଉନ୍ନତ୍ ଜୀବନ୍ ଆଉ ଉଜ୍ୱଲ୍ ଭବିଷ୍ୟତ୍ ଲାଗି ଖାଦ୍ୟର୍ ଅଧିକାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଖାଦ୍ୟ ଦିବସ୍ ।

## ମହଙ୍ଗା ଭତା- କେନ୍ଦ୍ର ସର୍କାର୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍‌ର ବୈଠକ୍‌ଥି କେନ୍ଦ୍ର ସର୍କାରୀ କର୍ମଚାରୀମାନ୍‌କୁ ମହଙ୍ଗାଭତା - ଡିଏ ଆର୍ ପେନ୍‌ସନ୍ ଭୋଗୀମାନ୍‌କୁ ମହଙ୍ଗା ସହାୟତା ଡିଆର୍ ଥି ଅତିରିକ୍ତ କିସ୍ତି ବଢ଼ାବାର୍‌କେ ନିଷ୍ପତି ହେଇଛେ । ବଢ଼୍‌ତି ଦର୍‌ଦାମ୍‌ର ଭର୍‌ନା ଲାଗି ମୁଲ୍ ଦର୍‌ମା/ ପେନ୍‌ସନ୍‌ର ଇହାଦେର୍ ୫୦ ପ୍ରତିଶତ୍ ଉପ୍‌ରେ ଅତିରିକ୍ତ ୩ ପ୍ରତିଶତ୍ ଡିଏ ଡିଆର୍ ବୃଦ୍ଧିକେ କେନ୍ଦ୍ର କେବିନେଟ୍ ଅନୁମୋଦନ୍ କରିଛେ ।

ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କର୍ ସୁପାରିଶ୍ ଆଧାର୍‌ଥି ସ୍ୱୀକୃତ ଫର୍ମୁଲା ମୁତାବିକ୍ ଇ ବୃଦ୍ଧି କରାଯାଇଛେ । ଡିଏ ଆର୍ ଡିଆର୍ ବଢ଼୍‌ବାର୍ କାରଣ୍‌ନୁ ରାଜ୍‌କୋଷ ଉପ୍‌ରେ ବଛର୍‌କ ୯ ହଜାର୍ ୪ ଶହ ୪୮ କୋଟି ୩୫ ଲାଖ୍ ଟଙ୍କାର୍ ମିଶାଗୁଲା ଭାର୍ ପଡ଼୍‌ବା । ଇ ବଢ଼୍‌ତିର୍ ଲାଗି ପାଖାପାଖି ୪୯ ଲାଖ୍ ୧୮ ହଜାର୍ କେନ୍ଦ୍ର ସର୍କାର୍‌ଙ୍କର୍ କର୍ମଚାରୀ ଆର୍ ୬୪ ଲାଖ୍ ୮୯ ହଜାର୍ ପେନ୍‌ସନ୍ ଭୋଗୀ ଉପକୃତ ହେବେ ବଲି ଜନାପଡ଼ିଛେ ।

## ସର୍ବନିମ୍ନ ସହାୟକ ମୂଲ୍ୟ-କେନ୍ଦ୍ର କେବିନେଟ୍ ପି.ଆଇ.ବି.

୨୦୨୫-୨୬ ବିପଣନ ଋତୁର୍ ଲାଗି ରବି ଫସଲ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପି ବଢ଼ାବାର୍ ପ୍ରସ୍ତାବ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବାର୍ ଆର୍ଥିକ୍ ବ୍ୟାପାର୍ ବାବଦ୍‌ର କେବିନେଟ୍ କମିଟିର୍ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ । ଚାଷୀମାନ୍‌କୁ ସେମାନ୍‌କର୍ ଉତ୍ପାଦିତ୍ ଦରବ୍‌ର ଉଚିତ ମୂଲ୍ୟ ଦେବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍ ୨୦୨୫-୨୬ ବିପଣନ ଋତୁର୍ ଲାଗି ରବି ଫସଲ୍‌ର ଏମ୍‌ଏସ୍‌ପି ବଢ଼େଇଛନ୍ । ଚନା ଫି’ କ୍ୱିଂଟାଲ୍‌କ ଏମ୍‌ଏସ୍‌ପି ୨ ଶହ ୧୦ ଟଙ୍କା, ଗହମ୍ ଶହେ ୫୦ ଟଙ୍କା, କୁସୁମ୍ ଶହେ ୪୦ ଆର୍ ଯଅ ଶହେ ୩୦ ଟଙ୍କା ବଢ଼ାଯାଇଛେ । ହେନ୍ତା କଲା ଆର୍ ଧୋପ୍ ସୁର୍‌ସୋର୍ ଲାଗି ସବୁଠାନୁ ଜହ କ୍ୱିଂଟାଲ୍‌କ ୩ ଶହ ଟଙ୍କା ବଢ଼ାଯାଇଥିବାର୍ ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ହରିଆଣା ଆର୍ ମୁମ୍ୱାଇ ଗସ୍ତ୍‌ଥି ଯାଇଛନ୍ । ଆଏବା କାଏଲ୍ ଚଣ୍ଡିଗଡ଼୍ ଠାନେ ନବଗଠିତ ହରିଆଣା ସର୍‌କାର୍‌ଙ୍କର୍ ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି

ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ଚଣ୍ଡିଗଡ଼୍ ନ ଏନ୍‌ଡିଏ ଶାସିତ୍ ରାଜ୍ୟମାନ୍‌କର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ଭିଲ୍ ଶ୍ରୀ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଚଣ୍ଡିଗଡ଼୍ ଗସ୍ତ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁମ୍ବାଇ ନ ଆଏବା ଶୁକ୍ରବାର୍ ଦିନ ଭାରତ୍ ନ ରସାୟନିକ୍ କ୍ଷେତ୍ର ନ ସମ୍ଭାବନା ବାବ୍‌ଦର୍ ଗୁଟେ ସମ୍ମିଲନୀଥି ଯୋଗ୍ ଦେବେ । ଶୁକ୍ରବାର୍ ଉପର୍‌ବେଲା ଆର୍ ଶନିବାର୍ ସକାଲେ ସେ ମୁମ୍ବାଇ ନ ଆଏବା ମେକ୍ ଇନ୍ ଓଡ଼ିଶା ଲାଗି ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ସେହିଦିନ ସଞ୍ଜ୍‌ବେଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅତିରିକ୍ତ ବଜେଟ୍ ତୟାରି      ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଅତିରିକ୍ତ ବଜେଟ୍ ତିଆରି ନେଇକରି ବିଭାଗ୍ ମାନ୍‌କର୍ ପାଖୁ ପ୍ରସ୍ତାବ୍ ଆହ୍ୱାନ୍ କରିଛନ୍ । ଅନ୍‌ଲାଇନ୍ ଜରିଏ ଯୋଜ୍‌ନା ଆଉ ସଂଯୋଜନା ବିଭାଗ୍ ଆର୍ ଅର୍ଥ ବିଭାଗ୍ ପାଶେ ପ୍ରସ୍ତାବ୍ ଦାଖଲ୍ କର୍‌ବାର୍‌କେ କୁହାଯାଇଛେ । ଅର୍ଥ ବିଭାଗ୍ ପ୍ରମୁଖ ସଚିବ ଶାଶ୍ୱତ୍ ମିଶ୍ର ଇ ବାବ୍‌ଦେ ସବୁ ବିଭାଗ୍‌କେ ଚିଠି ଲେଖିଛନ୍ । ପ୍ରଶାସନିକ୍ ଖର୍ଚ୍ଚା ବାବଦ୍‌ର ପ୍ରସ୍ତାବ୍ ଆଏବା ୩୦ ତାରିଖ୍‌ତକ୍ ଦାଖଲ୍

କର୍‌ବାର୍‌କେ କୁହାଯାଇଛେ । ବିଧାନ୍‌ସଭାର୍ ଆଏବା ଶୀତକାଲୀନ୍ ଅଧିବେଶନ୍‌ଥି ଚଲ୍‌ତି ଆର୍ଥିକ୍ ବଛ୍‌ରର୍ ଅତିରିକ୍ତ ବଜେଟ୍ ଉପସ୍ଥାପନ୍ ହେବାର୍ ଅନୁମାନ୍ ରହିଛେ ।

ଏନ୍‌ଏସ୍‌ଜି- ରାଇଜିଂ ଡେ ଆର୍‌ଏନ୍‌ୟୁ/ କଟକ୍

ନେସ୍‌ନାଲ୍ ସିକ୍ୟୁରିଟି ଗାର୍ଡ୍- ଏନ୍‌ଏସ୍‌ଜିର ପ୍ରତିଷ୍ଠା ଦିବସ୍ ଉଲ୍‌ଗୁନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଦେଶର୍ ସୁରକ୍ଷାର୍ ଲାଗି ଏନ୍‌ଏସ୍‌ଜି ଜବାନ୍ ମାନ୍‌କର୍ ଅତୁଟ ସମର୍ପଣ, ସାହସ, ସଂକଳ୍ପ ଆର୍ ପ୍ରତିବଦ୍ଧତାକେ ସେ ଉଚ୍ଚା ପ୍ରଶଂସା କରିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଲ୍ ଏନ୍‌ଏସ୍‌ଜିର ପ୍ରତିଷ୍ଠା ଦିବସ୍‌ଥି ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ଶାହା ଏନ୍‌ଏସ୍‌ଜି ‘ସର୍ବତ୍ର ସର୍ବୋତମ୍ ସୁରକ୍ଷା’ ର ଲକ୍ଷ୍ୟ ପୂରଣ୍ କରିଛେ ବଲି କହିଛନ୍ । କର୍ତବ୍ୟ ସମ୍ପାଦନ୍ ସମିଆଥି ଜୀବନ୍ ବଳିଦାନ୍ ଦେଇଥିବା ଏନ୍‌ଏସ୍‌ଜି ଜବାନ୍ ମାନ୍‌କର୍ ଉଦ୍ଦେଶ୍ୟ‌ଥି ଶ୍ରୀ ଶାହା ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରଦ୍ଧାଞ୍ଜଳି ଜ୍ଞାପନ୍ କରିଛନ୍ ।

ଓଡ଼ିଶା ସିଭିଲ୍ ସାର୍ଭିସ୍ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ସିଭିଲ୍ ସାର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଆଏବା ୨୭ ତାରିଖ୍ ଦିନ ହେବା । ଇ ବାବ୍‌ଦର୍ ବିଜ୍ଞପ୍ତି ଓଡ଼ିଶା ଲୋକ୍‌ସେବା ଆୟୋଗ୍ ତର୍‌ଫୁ ବାହାରିଛେ । ଭୁବ୍‌ନେଶ୍ୱର୍, ସମ୍ବଲ୍‌ପୁର୍, କଟକ୍, ବ୍ରହ୍ମପୁର୍ ଆର୍ ବାଲେଶ୍ୱର୍ ନ ଇ ପରୀକ୍ଷା କରାଯିବା । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କର୍ ଲାଗି ଅତିରିକ୍ତ ୪୦ ମିନିଟ୍ ସମିଆ ଦେବାର୍‌କେ ନିଷ୍ପତି ହେଇଛେ । ପ୍ରବେଶ୍ ପ୍ରମାଣ୍‌ପତ୍ର ଆର୍ ପରୀକ୍ଷା ବାବ୍‌ଦର ନିୟମାବଳୀ ଓଡ଼ିଶା ଲୋକସେବା ଆୟୋଗ ୱେବ୍‌ସାଇଟ୍‌ଥି ମିଲ୍‌ବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ଗଜଲକ୍ଷ୍ମୀ ପୂଜା ଆର୍‌ଏନ୍‌ୟୁ /ସମ୍ବଲପୁର

ଢେଙ୍କାନାଲ୍ ନ ଆଏଜ୍‌ଠାନୁ ପ୍ରସିଦ୍ଧ ଗଜଲକ୍ଷ୍ମୀପୂଜା ମୁଲ୍ ହେଇଛେ । କଲସ୍ ଯାତ୍ରା, ଆବାହନ୍, ପୂଜା ଉତ୍‌ରୁ ସଞ୍ଜ୍‌ବେଲେ ଉତ୍ସବ୍ ମୁଲ୍ ହେଉଛେ । ୧୧ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ପୂଜା ଉତ୍ସବ୍ ଲାଗି ଢେଙ୍କାନାଲ୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ହେନ୍ତା ସମ୍ବଲ୍‌ପୁର୍ ସହରର୍ ମୁଦିପଡ଼ା ଆର୍ ଅଲ୍‌ଗା ଜାଗାମାନ୍‌କେ ଗଜଲକ୍ଷ୍ମୀ ପୂଜାର୍ ଲାଗି କଲସ୍

ଶୋଭାଯାତ୍ରା ବାହାରିଥିଲା । ଇନ ପୂଜା ସମିଆଥି ସଞ୍ଜ୍‌ବେଲେ ଭଜନ୍ ସମାରୋହର କାର୍ଯ୍ୟକ୍ରମ୍ ରଖାଯାଇଛେ । ଜିଲ୍ଲାର୍ ହୀରାକୁଦ୍, ରେଢ଼ାଖୋଲ୍, ସହଯୋଗ୍ ନଗର୍, ସାକ୍ଷୀଗୋପୀନାଥ୍ ପଢ଼ା, କାଲୀବାଡ଼ି, ବୁଢ଼ାକଟା, କଦ୍‌ଲୀଗଡ଼୍, ତ୍ରିବଣପୁର, କୁକୁଡ଼ାବାହାଲି, ପନ୍‌କିମାଲ୍, ଗୋଶାଲା ବାଗିର୍ ଭିନ୍ ଭିନ୍ ଜାଗା ନ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ୍ ହେଇଛେ ।

ଗଜଲକ୍ଷ୍ମୀ ପୂଜା ଶୁଭେଚ୍ଛା ଆର୍‌ଏନ୍‌ୟୁ/ କଟକ୍

ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ଆଉ ପବିତ୍ର କୁମାର ପୂର୍ଣ୍ଣିମା ଉଲ୍‌ଗୁନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ମାଙ୍କର୍ ଅପାର କରୁଣାନୁ ସମସ୍ତଙ୍କର୍ ଜୀବନ୍ ସୁଖ, ସମୃଦ୍ଧି ଆର୍ ଧନଧାନ୍ୟଥି ପରିପୂର୍ଣ୍ଣ ହେଉ ବଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ । ହେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଗଜଲକ୍ଷ୍ମୀ ପୂଜା ଆର୍ କୁମାର୍ ପୂର୍ଣ୍ଣିମା ଅବ୍‌ସରେ ସମସ୍ତଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ରାଜରାଜେଶ୍ୱରୀ ବେଶ ଆର୍‌ଏନ୍‌ୟୁ/ ସମ୍ବଲପୁର/ ସୁବର୍ଣ୍ଣପୁର୍

ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ମା ସମଲେଶ୍ୱରୀ ଆଏଜ୍ ଭକ୍ତମାନ୍‌କୁ ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦଉଛନ୍ । ବର୍ଷକ ଥରେ ଦଶ୍‌ରା ପୁନି କି କୁମାର ପୂର୍ଣ୍ଣିମା ଦିନ ସମଲେଶ୍ୱରୀଙ୍କର୍ ଇ ମନୋହର ରୂପ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ଼୍ ହେଇଛେ । ୪ ଶହ ବରସ୍‌ନୁ ଅଏତ୍‌କା ସମିଆନୁ ଦଶ୍‌ରା ପୁନି ଦିନ ଗୁଡ଼ିର୍ ଭଣ୍ଡାର୍ ଘରେ ଥିବା ସୁନା, ରୂପା ଆର୍ ଭିନ୍ ଭିନ୍ ପଥର୍‌ର ଆଭୂଷଣ୍ ସମଲେଇ ଇ ଦିନ ଧାରଣ୍ କର୍‌ସନ୍ । ହେନ୍ତା ସହରର୍ ପାଟଣେଶ୍ୱରୀ, ବାଟ୍‌ମଙ୍ଗଲା, ବନଦୁର୍ଗା, ଭୁବ୍‌ନେଶ୍ୱରୀ ଆର୍ ଅଲ୍‌ଗା ଗ୍ରାମଦେବୀ ପୀଠ ମାନ୍‌କେ ଆଏଜ୍ ବିଶେଷ୍ ପୂଜା ନୀତି କରାଯାଇଥିଲା । ସଞ୍ଜ୍‌ବେଲେ ଜିଲ୍ଲାର୍ ଦେବୀ ମନ୍ଦିର୍ ମାନ୍‌କେ ଦଧିନଉତି ନ ମହାଆଲ୍‌ତୀ ଉତ୍‌ରୁ ନୂଆଁ ଧ୍ୱଜା ଲଗାଯାଇଥିଲା । ପୂଜକ ପରିବାର୍‌ର ସଦସ୍ୟମାନେ ଆଖ୍‌ଡ଼ା ପ୍ରଦର୍ଶନ୍ କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ମାହେଶ୍ୱରୀ ପୀଠମାନ୍‌କେ ଆଏଜ୍ କୁମାର୍ ଉତ୍ସବ୍ ଯାତ୍ରା ଅନୁଷ୍ଠିତ୍ ହେଉଛେ । ଜିଲ୍ଲାର୍ ଜାଲୋଏ ଆର୍ କାନ୍‌ପୁର୍ ଠାନେ ମାହେଶ୍ୱରୀ ଆର୍ ପରମେଶ୍ୱରୀ ଗୁଟେ ଶୋଭାଯାତ୍ରାଥି ଦେମୁଲ୍ ଯାତ୍ରା ନ ପୁହୁଁଚିବାର୍ ଉତ୍‌ରୁ ବାଡ଼ିନୃତ୍ୟ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ବନକଲାଗି          ପୁରୀ ସମ୍ବାଦଦାତା

ଆଏଜ୍ ଆଶ୍ୱିନ୍ ମାସର୍ ଉଜଲ୍‌ପଖର୍ ଚତୁର୍ଦ୍ଦଶୀ ଉଲ୍‌ଗୁନେ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗମଣ୍ଡପ୍ ନୀତି ଉତ୍‌ରୁ ଇ ବିଶେଷ୍ ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଦତମହାପାତ୍ର, ଦଇତାପତି ଆର୍ ଅଲ୍‌ଗା ସେବାୟତ୍‌ମାନେ ମହାପ୍ରଭୁଙ୍କର୍ ଶ୍ରୀମୁଖ ଶୃଙ୍ଗାର ନୀତି କର୍‌ବେ । ଇ ନୀତି ଅତି ଗୁପତ୍ ନୀତି ହେଇଥିବାର୍‌ନୁ ବନକଲାଗି ସମିଆଥି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରଖାଯିବା । ସଞ୍ଜ୍‌ବେଲର୍ ୭ ବଜେ ବନକଲାଗି ନୀତି ମୁଲ୍ ହେବାର୍ ସହେତେ ପାଖାପାଖି ୪ ଘଂଟାତକ୍ ସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ।

ବିଶ୍ୱ ଖାଦ୍ୟ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ସମସ୍ତଙ୍କର୍ ଲାଗି ଖାଦ୍ୟ ନିରାପତାର୍ ଗୁରୁତ୍ୱକେ ଉପଲବ୍ଧି କରିକରି ଫି' ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଖାଦ୍ୟ ଦିବସ୍ ପାଲନ୍ କରାଯାଉଛେ । କ୍ଷୁଧା ନିବାରଣ୍‌କେ ନଜର୍‌ଥି ରଖିକରି ସର୍‌କାରୀସ୍ତର୍‌ଥି ନିଆଯାଇଥିବାର୍ ବହୁତ୍‌ଟେ ପଦକ୍ଷେପ୍ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଇ

ଦିବସ୍‌ର ଉଦ୍ଦେଶ୍ ଆଏ । ବିଶ୍ୱ ଖାଦ୍ୟ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରଖାଯାଇଛେ ‘ଗୁଟେ ଉନ୍ନତ୍ ଜୀବନ୍ ଆର୍ ଉଜ୍ୱଲ୍ ଭବିଷ୍ୟତ୍ ଲାଗି ଖାଦ୍ୟର୍ ଅଧିକାର’ । ୧୯୪୫ ମସିହାର୍ ଆଝିର୍ ଦିନେ ମିଳିତ ଜାତିସଂଘର ଖାଦ୍ୟ ଆଉ କୃଷି ସଂଗଠନ୍ ପ୍ରତିଷ୍ଠା କରାଯାଇଥିଲା । ଇ ଦିବସ୍‌କେ ସୋର୍ କରିକରି ଫଁ’ ବଛର୍ ବିଶ୍ୱ ଖାଦ୍ୟ ଦିବସ୍ ପାଳନ୍ କରାଯାଉଛେ । ଖାଦ୍ୟ ନିରାପତା ସହେତେ ଚାଷ୍‌ଥି ଲଗାଏତ୍ ବିକାଶ୍‌କେ ଭିଲ୍ ପ୍ରାଧାନ୍ୟ ଦିଆଯାଇଛେ ।

ଖାଦ୍ୟ ସୁରକ୍ଷା ପ୍ରତିବଦ୍ଧତା    ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବିଶ୍ୱ ଖାଦ୍ୟ ଦିବସ୍ ଉଲ୍‌ଗୁନେ ସାମାଜିକ୍ ଗଣମାଧମ୍ ଜରିଏ ପୋଷ୍ଟ୍ କରିକରି ସବୁ ନାଗରିକଙ୍କର୍ ଲାଗି ଖାଦ୍ୟ ସୁରକ୍ଷା ସୁନିର୍ଶ୍ଚିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦର୍ଶୀ ନେତୃତ୍ୱଥି, କାର୍ଯ୍ୟକାରୀ ହେଉଥିବା ପି.ଏମ୍ ଗରିବ୍ କଲ୍ୟାଣ୍ ଅନ୍ନ ଯୋଜ୍‌ନା ସବୁ ନାଗରିକଙ୍କର୍ ଲାଗି କଲ୍ୟାଣ୍‌କାରୀ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଶ୍ୱ ଖାଦ୍ୟ ଦିବସ୍    ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ପାଇକ୍‌ମାଲ୍‌ର ନର୍‌ସିଂନାଥଠାନେ ଆଏଜ୍ ବିଶ୍ୱ ଖାଦ୍ୟ ଦିବସ୍ ଉଲ୍‌ଗୁନେ ପାରମ୍ପରିକ୍ ଚାଷ୍ କ୍ଷେତ୍ର ନ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାର୍ ୧୦ ଝନ୍ ଚାଷୀ ଭାଏବହେନ୍ ମାନ୍‌କୁ ସମ୍ମାନିତ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌କେ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଉଦ୍‌ଘାଟନ୍ କରିଥିଲେ । ଅହିଂସା କ୍ଲବ୍, ଭିତିଭୂମି, ରାଇଜ୍ ଏଗେନ୍‌ଷ୍ଟ ହଙ୍ଗର୍ ଇଣ୍ଡିଆ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଦେଶୀ ଖାଦ୍ୟ, ପିଠାପନା, ବିହନ୍ ଆର୍ ଦାଏଲ୍ ଆର୍ ମଡ଼ିଆ ପ୍ରଦର୍ଶନୀ ହେଇଥିଲା ।

ସମ୍ବଲ୍‌ପୁର ମାଷ୍ଟର୍ ପ୍ଲାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍ ଇଲାକା ନ ପାଏନ୍ ବଢ଼ି ନିୟନ୍ତ୍ରଣ୍, ଉଦ୍‌ବୃତ ପାଏନ୍‌ର ପରିଚାଲନାର୍ ସୁବ୍ୟବସ୍ଥା ଆର୍ ପାଏନ୍ ଠୁଲାବାର୍ ବ୍ୟବସ୍ଥାର୍ ଲାଗି ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍ ବନାବାର୍ କାମ୍ ଚାଲିଛେ । ଧୋବିଜୋର୍, ଟାଙ୍ଗନାନାଲା ଆର୍ ହରଡ୍‌ଜୋର୍‌ର ଡିଜିପିଏସ୍ ସର୍ଭେ କାମ୍ ପୁରା ହେଇସାରିଛେ । ଇହାଦେ ମନ୍ଦଲିଆ ଆର୍ ମାଲ୍‌ତୀଜୋର୍‌ର

ସର୍ଭେ କାମ୍ ଚାଲିଛେ ବଲି ମହାନଗର୍ ନିଗମ୍ କମିଶନର୍ ବେଦ୍‌ଭୂଷଣ୍ ସୂଚ୍‌ନା ଦେଇଛନ୍ ।

ଦେବ୍‌ଗଡ଼୍ ଇ-କେୱାଇସି ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ସାଧାରଣ୍ ବିତରଣ୍‌ର ବ୍ୟବସ୍ଥା, ଇ-କେୱାଇସି ବାବ୍‌ଦେ ଗୁଟେ ବୈଠକ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଛେ । ରାସନ୍‌କାର୍ଡ଼୍ ହିତାଧିକାରୀ ମାନ୍‌କର୍ କେୱାସି ଯାଂଚ୍, ଗ୍ରାମ୍‌ପଂଚାୟତ୍‌ମାନ୍‌କେ ଟିଡିଏସ୍ କେସ୍‌ବୁକ୍ ତନ୍‌ଖି, ସାଧାରଣ ବିତରଣ ବ୍ୟବସ୍ଥାର୍ ଖାଏବାର୍ ଦରବ୍ ଉଠାଣ ଆର୍ ବିତରଣ ବାଗିର୍ ବିଷେଥି ବୈଠକ୍ ନ ଆଲୋଚନା କରାଯାଇଥିଲା ।